# ପହିଲି ରଜ: ଘରେ ଘରେ ଦୋଳି, ପିଠାପଣା


ଠିଆ ପୁଚି ଖେଳ ଚାଲିଛି।


ସଦାନନ୍ଦ ବିହାରରେ ତାସ ଖେଳ।


ଦୋଳିରେ ପୋଡ଼ପିଠା ରଖି ଯୁବତୀମାନେ ଖୁସି ମନାଉଛନ୍ତି।

ବ୍ରହ୍ମପୁର,୧୪।୬ (ତନୁଶ୍ରୀ ନାହାକ)

ବୁଧବାରଠାରୁ ଆରମ୍ଭ ହୋଇଛି ଓଡ଼ିଶାର ଗଣପର୍ବ ରଜ। ପହିଲି ରଜରେ ଗାଁଠୁ ସହର ଉତ୍ସବମୁଖର ହୋଇଛି। ଘରେ ଘରେ ଦୋଳି ଓ ପିଠାପଣାର ଆସର ଜମିଛି। ରେଶମ ସହର ବ୍ରହ୍ମପୁରରେ ମଧ ଏହି ଉତ୍ସାହ କମିନାହିଁ। ଛୋଟ ଝିଅଠାରୁ ଆରମ୍ଭ କରି ମହିଳାମାନେ ନୂଆ ପୋଷାକ ପିନ୍ଧି ପାଦରେ ଅଳତା, ହାତରେ ମେହେନ୍ଦୀ ଲଗାଇ ବିଭିନ୍ନ ଢ଼ଙ୍ଗରେ କେଶ ବିନ୍ୟାସ କରି ସଜେଇ ହୋଇଛନ୍ତି। ସହର ସାରା ପହିଲି ରଜରେ ଯୁବତୀମାନଙ୍କ ମଧ୍ୟରେ ଯେପରି ସଜବାଜର ପ୍ରତିଯୋଗିତା ଚାଲିଥିବାର ଭ୍ରମ ସୃଷ୍ଟି ହୋଇଥିଲା। ବ୍ୟାଙ୍କ କଲୋନୀ, ଗୋଇଲୁଣ୍ଡି, ସଦାନନ୍ଦ ବିହାରଠୁ ଆରମ୍ଭ କରି ସବୁଠି ଘରେ ଦୋଳି ଝୁଲିଛି। ପ୍ରତି ଘରେ ପିଠାପଣା ହୋଇଛି। ଯୁବତୀମାନେ ସାଙ୍ଗ ସାଥୀଙ୍କ ସହ ପୋଡ଼ପିଠା ଓ ମିଠାପାନ ଖାଇ ମଜା ଉଠାଇଥିଲେ। ସହର ଉପକଣ୍ଠସ୍ଥ ହରିଡ଼ାଖଣ୍ଡି, ନିମଖଣ୍ଡି, ଆମ୍ବପୁଆ ସମେତ ବିଭିନ୍ନ ଗ୍ରାମରେ ଯୁବତୀ ଓ ଝିଅ ମାନେ ବଡ଼ ବଡ଼ ଗଛରେ ଦୋଳିବାନ୍ଧି ସାଙ୍ଗସାଥୀ ମେଳରେ ଖେଳୁଥିବା ଦେଖିବାକୁ ମିଳିଥିଲା। ସଦାନନ୍ଦ ବିହାରରେ ମହିଳାମାନେ ଦଳ ଦଳ ହୋଇ ବସି ତାସ ଖେଳୁଥିବା ଦେଖିବାକୁ ମିଳିଥିଲା। ଗୋଇଲୁଣ୍ଡିରେ ସୁରଭି ଅନୁଷ୍ଠାନ ସମେତ ସାହି ବାସିନ୍ଦାଙ୍କ ପକ୍ଷରୁ ସାମୁହିକ ଭାବେ ମେହେନ୍ଦି, ଅଳତା ଲଗାଇବା ସହ ପରସ୍ପରକୁ ରଜ ଶୁଭେଚ୍ଛା ଜଣାଇଥିଲେ। ପରେ ଠିଆ ପୁଚି, ବସା ପୁଚି ଖେଳ ହୋଇଥିଲା। ମହିଳାଙ୍କ ମଧ୍ୟରେ ପାନ ଭାଙ୍ଗିବା ପ୍ରତିଯୋଗୀତା ହୋଇଥିଲା। ସେହିପରି ସୁରଭି, ସୃଜନି ଭଳି କିଛି ଅନୁଷ୍ଠାନ ସମେତ ବ୍ରହ୍ମପୁର ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ରଜ ଅବସରରେ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ପାରମ୍ପରିକ ପୋଡ଼ପିଠା, କାକରା ପିଠା, ଚନ୍ଦ୍ରକାନ୍ତି, ମୁଦୁକ ଭଳି ପିଠା ପ୍ରସ୍ତୁତ କରି ସମସ୍ତଙ୍କ ମଧ୍ୟରେ ବଣ୍ଟାଯାଇଥିଲା।

## ଆଜି କ'ଣ କେଉଁଠି

ସୋରଡ଼ା
- ରଜ ମଉଜ ସମାରୋହ, ମେଲୋଡି କାର୍ଯ୍ୟକ୍ରମ। ସ୍ଥାନ–ବିଜୁ ପାର୍କ, ସମୟ –ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୧୪।୬(ସୁବାସ ପାଢ଼ୀ): ଜଣେ ମହିଳାଙ୍କୁ ଅସଦାଚରଣ କରିବା ସହ ଟଙ୍କା ନେଇଯାଇଥିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ବୈଦ୍ୟନାଥପୁର ଥାନା ପୋଲିସ ଗିରଫ କରିଛି। ସେ ହେଲେ ଅଶୋକନଗରରେ ରହୁଥିବା ଶ୍ରବଣ କୁମାର ପାଢୀ(୫୧)। ପ୍ରକାଶ ଯେ, ଶ୍ରବଣ ଜଣେ ମହିଳାଙ୍କୁ ପିଛା କରିବା ସହ ତାଙ୍କୁ ଏକତରଫା ପ୍ରେମ କରୁଥିଲେ। ମହିଳା ଜଣଙ୍କ ରାସ୍ତାରେ ଯାଉଥିବା ବେଳେ ଶ୍ରବଣ ତାଙ୍କୁ ଅଟକାଇ ବଳାତ୍କାର ଉଦ୍ୟମ କରିଥିଲେ। ସେ ଏହାର ପ୍ରତିବାଦ କରିବାରୁ ଶ୍ରବଣ କ୍ରୋଧାନ୍ୱିତ ହୋଇ ସେ ଧରିଥିବା ୫୦ହଜାର ଟଙ୍କା ନେଇଯାଇଥିଲେ। ଏ ନେଇ କାହାକୁ ଜଣାଇଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଉକ୍ତ ମହିଳାଙ୍କ ସମ୍ମାନ ହାନି ହୋଇଥିବାରୁ ବାଧ ହୋଇ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୪୩/୨୩ରେ ମାମଲା ରୁଜୁ କରି ଶ୍ରବଣଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି।

### ପୋଲିସ ସିଲ୍ କରିଥିବା କାରଖାନାରୁ ଚୋରି

ବ୍ରହ୍ମପୁର,୧୪।୬(ସୁବାସ ଚନ୍ଦ୍ର ପାଢ଼ୀ): ପୋଲିସ ସିଲ କରିଥିବା ଏକ କାର୍ଡବୋର୍ଡ଼ ପ୍ରସ୍ତୁତ କମ୍ପାନୀରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଛି। ଦୋକାନ ମାଲିକ ପି. ସନ୍ତୋଷ କୁମାର ସୁବୁଦ୍ଧି ଏ ନେଇ ସଦର ଥାନାରେ ଅଭିଯୋଗ କରିଛନ୍ତି। ବ୍ରହ୍ମପୁର - ଲାଠୀ ମୁଖ୍ୟ ରାସ୍ତାରେ ଥିବା ସନ୍ତୋଷ ଟ୍ରେଡର୍ସ ନାମକ ଏକ କାର୍ଡବୋର୍ଡ଼ ପ୍ରସ୍ତୁତ କମ୍ପାନୀକୁ ପୋଲିସ କୌଣସି କାରଣରୁ ସିଲ କରିଦେଇଥିଲା। ଏହାର ସୁଯୋଗ ନେଇ ଲୁଟିଆ ଗ୍ୟାଙ୍ଗ ଗତ ୧୧ ତାରିଖ ରାତିରେ ଉକ୍ତ ସିଲ କମ୍ପାନୀରେ ପଶି ସମସ୍ତ ବିଦ୍ୟୁତ ସରଞ୍ଜାମ ସହିତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରିଥିଲେ। ଖବରପାଇ କମ୍ପାନୀ ମାଲିକ ସେଠାରେ ପହଞ୍ଚି ଚୋରି ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ସଂକ୍ରାନ୍ତରେ ୩୦୫/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା କହିଛି।

### ରଜ ପର୍ବରେ ବୁଗୁଡ଼ା ଉତ୍ସବ ମୁଖର

ବୁଗୁଡ଼ା,୧୪।୬ (କାଳୀଚରଣ ଦାଶ): ମାତୃଜାତି ମଧରେ ଆନନ୍ଦ ଉତ୍ସାହ ଓ ନୂତନ ଶକ୍ତି ଜାଗ୍ରତ କରିବା ପାଇଁ ତିନି ଦିନ ଧରି ପାଳନ କରାଯାଉଥିବା ରଜ ପର୍ବର ପହିଲି ରଜରେ ବୁଗୁଡ଼ା ଅଞ୍ଚଳ ଉତ୍ସବ ମୁଖର ହୋଇ ଉଠିଛି। ଗତ ବର୍ଷ ଭଳି ଏ ବର୍ଷ ମଧ ଅଞ୍ଚଳର ଶିଶୁ ଠାରୁ ଆରମ୍ଭ କରି କୁଆଁରୀ ଓ ବିବାହିତାମାନେ ନୂତନ ପୋଷାକ ପରିଧାନ କରି ସାଙ୍ଗସାଥି ମେଳରେ ଗୀତ ଗାଇ ଦୋଳି ଖେଳର ଆନନ୍ଦ ଉପଭୋଗ କରିବା ସହ ପରସ୍ପରକୁ ବିଭିନ୍ନ ପ୍ରକାର ପିଠାପଣାରେ ଆପ୍ୟାୟିତ କରି ମଜା ନେଉଛନ୍ତି। ଏଥି ସହ ରଜ ମଉଜ କାଳରେ ମିଠା ପାନର ଚାହିଦା ବୃଦ୍ଧି ପାଇଥିବା ବେଳେ ବିଶେଷକରି ଗ୍ରାମାଞ୍ଚଳରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ କ୍ରୀଡ଼ା କୌତୁକର ଆସର ମଧ ଦେଖିବାକୁ ମିଳିଛି।

## ବିଦ୍ୟୁତ୍ କାଟକୁ ନେଇ ବଢୁଛି ଅସନ୍ତୋଷ

ବ୍ରହ୍ମପୁର,୧୪।୬ (ସ୍ମୃତି ରଞ୍ଜନ ମହାଲିକ)

ଟାଟା ପାୱାର ପକ୍ଷରୁ ଅଘୋଷିତ ବିଦ୍ୟୁତ କାଟକୁ ନେଇ ଦିନକୁ ଦିନ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ଏହାସ୍ୱତ୍ତ୍ୱେ ବିଦ୍ୟୁତ କାଟ ରୋକିବା ଲାଗି ସେଭଳି କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ଗରମ ଓ ଗୁଳୁଗୁଳି ସମୟରେ ବାରମ୍ବାର ବିଦ୍ୟୁତ କାଟକୁ ନେଇ ସହରବାସୀ ଆଉଟୁପାଉଟୁ ହେଉଛନ୍ତି।

ବିଦ୍ୟୁତ୍ କାଟ ପ୍ରତିବାଦରେ ଗତ ରବିବାର ଲାଞ୍ଜିପଲୀ ବାସିନ୍ଦା ଗୁଡସରୋଡସ୍ଥିତ ସବ ଷ୍ଟେଶନ ସମ୍ମୁଖରେ ଟାୟାର ଜାଳି ବିକ୍ଷୋଭ କରିଥିଲେ। କିନ୍ତୁ ଏହା ପରେ ବି ଟାଟା ପାୱାର ପକ୍ଷରୁ କୌଣସି ପ୍ରତିକାର କରାଯାଇନାହିଁ। ମଙ୍ଗଳବାର ମଧରାତିରେ ମଧ ପ୍ରାୟ ୪୫ ମିନିଟ ଧରି ଲାଞ୍ଜିପଲୀ ଅଞ୍ଚଳରେ ବିଦ୍ୟୁତ କାଟ ହୋଇଥିଲା। ଏହାକୁ ନେଇ ଲାଞ୍ଜିପଲୀ ଅଞ୍ଚଳର ରେଡିକା ସାହି ସମେତ ଗୁଡସରୋଡ ସାହି ବାସିନ୍ଦା, କୃଷ୍ଣ ନଗର ଓ ରାମ ନଗର ଅଞ୍ଚଳର ଶତାଧିକ ଲୋକ ଏକାଠି ହୋଇ ଗୁଡସରୋଡସ୍ଥିତ ସବଷ୍ଟେଶନ ସମ୍ମୁଖରେ ବିକ୍ଷୋଭ କରିଥିଲେ। ସେଠାରେ କୌଣସି ଅଧିକାରୀଙ୍କ ଦେଖା ମିଳି ନ ଥିଲା। ଦୀର୍ଘ ସମୟ ପରେ ଉକ୍ତ ସବଷ୍ଟେସନର ଜଣେ ବିଭାଗୀୟ କର୍ମଚାରୀ ପହଞ୍ଚି ଟ୍ରାନ୍ସଫର୍ମର କାର୍ଯ୍ୟ ଜାରି ରହିଛି। ଖୁବ ଶୀଘ୍ର ବିଦ୍ୟୁତ ଆସିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ତେବେ ବିଦ୍ୟୁତ କାଟ କେଉଁ କାରଣରୁ ହେଉଛି ସେ ନେଇ କିଛି କହିବାକୁ ଟାଟା ପାୱାର କର୍ତ୍ତୃପକ୍ଷ ମନା କରୁଛନ୍ତି। କେବଳ ଟ୍ରିପ ନେଉଥିବା ନେଇ ଜନସାଧାରଣଙ୍କ ନିକଟରେ ସଫେଇ ଦେଉଛନ୍ତି। କିନ୍ତୁ ତାହା କେତେଦୂର ସତ୍ୟ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପଟେ ବିଳମ୍ବିତ ରାତ୍ରି ସମୟରେ ବିଦ୍ୟୁତ କାଟ ହେବା କାରଣରୁ ଛୋଟ ଶିଶୁଙ୍କଠାରୁ ଆରମ୍ଭ କରି ବରିଷ୍ଠ ନାଗରିକମାନେ ହଇରାଣ ହେଉଥିବା ଅଭିଯୋଗ ହେଉଛି। ସେହିଭଳି ପୂର୍ବାହ୍ନ ଓ ସନ୍ଧ୍ୟାରେ ମନ ଇଚ୍ଛା ବିଦ୍ୟୁତ କାଟ କାରଣରୁ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟଗୁଡିକରେ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। କିନ୍ତୁ ପ୍ରତିକାର କ୍ଷେତ୍ରରେ ଟାଟା ପାୱାର କୌଣସି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରୁ ନାହିଁ। ଯଦି ଟାଟା ପାୱାର ଏଭଳି ଭାବେ ମନମୁଖୀ ବିଦ୍ୟୁତ କାଟ ଜାରି ରଖେ ତେବେ ଆଗାମୀ ଦିନରେ ଏକ ବିରାଟ ଜନ ଆନ୍ଦୋଳନର ସମ୍ମୁଖୀନ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି।

## ଭତ୍ତା ପାଇଁ ଯାଉଥିବା ବେଳେ ରାସ୍ତାରେ ପଡ଼ି ବୃଦ୍ଧା ଗୁରୁତର

ବେଗୁନିଆପଡ଼ା,୧୪।୬(ସୁଶାନ୍ତ ପଟ୍ଟନାୟକ)

ବାର୍ଦ୍ଧକ୍ୟ ଭତ୍ତା ଆଣିବାକୁ ପଞ୍ଚାୟତ କାର୍ଯ୍ୟାଳୟ ଯାଉଥିଲା ବେଳେ ରାସ୍ତାରେ ପଡି ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ଗଞ୍ଜାମ ଜିଲା ବେଗୁନିଆପଡା ବ୍ଲକ ଅନ୍ତର୍ଗତ ସାଙ୍କୁଡ଼ା ପଞ୍ଚାୟତ ଅନ୍ତର୍ଗତ ଲଞ୍ଚିପୁର ଗ୍ରାମର ୬୫ ବର୍ଷୀୟ ବୃଦ୍ଧା କଣ୍ଡୁଣୀ ଗୌଡ଼ ନିଜର ଭତ୍ତା ବିଷୟ ଜାଣିବା ପାଇଁ ସାଙ୍କୁଡ଼ା ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିଲେ। କିନ୍ତୁ ପଞ୍ଚାୟତରେ ଥିବା କର୍ମକର୍ତ୍ତା ତାଙ୍କ ଭତ୍ତା ବ୍ୟାଙ୍କକୁ ପଳାଇଯାଇଛି, ସେଠାକୁ ଯାଇ ଖାତା ଦେଖିବାକୁ କହିଥିଲେ। ପ୍ରବଳ ଖରା ଯୋଗୁଁ ବୃଦ୍ଧାଙ୍କ ମୁଣ୍ଡ ବୁଲେଇ ତଳେ ପଡିଯାଇଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ବୃଦ୍ଧାଙ୍କ ସମ୍ପର୍କୀୟ ସୁଧୀର ଗୌଡ଼ ସେଠାକୁ ଯାଇ ବୃଦ୍ଧାଙ୍କୁ ମେଡିକାଲ ନେବା ସହ ଚିକିତ୍ସା କରାଇଥିଲେ।

## ଛାତ୍ରୀଙ୍କୁ ବଳାତ୍କାର ମାମଲା, ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର,୧୪।୬ (ସୁବାସ ପାଢ଼ୀ)

ପୋକ୍ସୋ ଜଜ୍ ଗଣେଶ୍ୱର ପତି ଜଣେ କଲେଜ ଛାତ୍ରୀ ଅପହରଣ ଓ ବଳାତ୍କାର ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ଉପଯୁକ୍ତ ପ୍ରମାଣ ନ ମିଳିବାରୁ ଅଭିଯୁକ୍ତ ଯୁବକଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଯୁବକ ଜଣଙ୍କ ଫାଷ୍ଟଗେଟ ଅଞ୍ଚଳର କାଳିଆ ବେହେରା। ୨୦୧୬ ନଭେମ୍ବର ୨୫ରେ ଯୁକ୍ତ ୨ ଶ୍ରେଣୀର ଛାତ୍ରୀ କଲେଜକୁ ଯାଇଥିବା ବେଳେ ସନ୍ଧ୍ୟା ସୁଦ୍ଧା ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ଝିଅକୁ କେହି ଅପହରଣ କରି ନେଇଥିବା ଛାତ୍ରୀଙ୍କ ବାପା ବଡବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୬୮/୧୬ରେ ମାମଲା ରୁଜୁ କରିଥିଲା। କିଛିଦିନ ପରେ ଛାତ୍ରୀଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀଙ୍କୁ କାବୁ କରିଥିଲା। ଛାତ୍ରୀଙ୍କ ବୟାନରେ ପୋଲିସ କାଳିଆଙ୍କୁ ଅପହରଣ ଓ ବଳାତ୍କାର ମାମଲାରେ କୋର୍ଟ ଚାଲାଣ କରିଥିଲା। କିଛିମାସ ପରେ କାଳିଆ ଜାମିନରେ ମୁକୁଳିଥିଲେ। ବିଚାର ବେଳେ ୧୮ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ପ୍ରମାଣ ମିଳି ନ ଥିବାରୁ ଜଜ୍ ରାୟ ଶୁଣାଇଛନ୍ତି। ମୁଦାଲାଙ୍କ ପକ୍ଷରୁ ଇସମାଇଲ ମହମ୍ମଦ ମାମଲା ପରିଚାଳନା କରିଥିଲେ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com


@ ପ୍ରତିଷ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜି–୨୦ ଜନଭାଗୀଦାରି କାର୍ଯ୍ୟକ୍ରମ ନେଇ କର୍ମଶାଳା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ବ୍ରହ୍ମପୁର,୧୪।୬(ସ୍ମୃତି ରଞ୍ଜନ ମହାଲିକ)

ଆମ୍ବପୁଆସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ଜି-୨୦ ଜନଭାଗୀଦାରି କାର୍ଯ୍ୟକ୍ରମ ନେଇ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲାର ୨୨ଟି ବ୍ଲକର ୫୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଓ ବ୍ରହ୍ମପୁର ସହରର ୭୦ଟି ବିଦ୍ୟାଳୟର ୧୨୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ରୂପେ ଗଞ୍ଜାମ ଜିଲା ଶିକ୍ଷାଧିକାରୀ ବିନିତା ସେନାପତି ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ରୂପେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ, ଶଶୀଭୂଷଣ ରଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧକ୍ଷ କାହ୍ନୁ ଚରଣ ପଣ୍ଡା, କୋରାପୁଟ ଡିଏଭି କଲେଜ ଅଫ ଟିଚର୍ସ ଏଜୁକେସନର ଅଧାପକ ବୃନ୍ଦାବନ ମିଶ୍ର ଯୋଗ ଦେଇଥିଲେ। ମୁଖ୍ୟ ବକ୍ତାମାନେ ନୂତନ ଶିକ୍ଷା ପ୍ରଣାଳୀ ଓ ସାକ୍ଷରତା ଉପରେ ଆଲୋକପାତ କରିଥିଲେ। ଅଧକ୍ଷ ପଣ୍ଡା ମାତୃଭାଷା ଶିକ୍ଷା କିଭଳି ଅଧିକ ପ୍ରଭାବୀ ହୋଇପାରିବ ସେ ନେଇ ବିସ୍ତୃତ ଆଲୋଚନା କରିଥିଲେ। କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ ବିଘ୍ନେଶ୍ୱର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ଅଧାପିକା ଜ୍ୟୋତିର୍ମୟୀ ତ୍ରିପାଠୀ ଓ ଚିତ୍ରାଙ୍କନ ଶିକ୍ଷକ ପୃଥ୍ୱୀରାଜ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନିଟ୍ ପରୀକ୍ଷାରେ ନାଳନ୍ଦାଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା


କେ. ସୁବ୍ରତ କୁମାର ରେଡି


ଜି. ଉଦୟକିରଣ


ମାନସ ରଞ୍ଜନ ବେହେରା


ଅମିଷା ଦାଶ

ବ୍ରହ୍ମପୁର,୧୪।୬
(ସ୍ମୃତି ରଞ୍ଜନ ମହାଲିକ)

ଜାତୀୟ ଯୋଗ୍ୟତା ଓ ପ୍ରବେଶିକା ପରୀକ୍ଷା (ନିଟ୍) ୨୦୨୩ ୟୁଜିର ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ବ୍ରହ୍ମପୁରର ନାଳନ୍ଦାଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪ଜଣ ଛାତ୍ରୀଛାତ୍ର ୬୦୦ରୁ ଉର୍ଦ୍ଧ୍ୱ ନମ୍ବର ରଖି ଗୌରବ ଆଣିଛନ୍ତି। ସେମାନଙ୍କ ମଧ୍ୟରୁ ଜି. ଉଦୟକିରଣ (୬୬୫), କେ. ସୁବ୍ରତ କୁମାର ରେଡି (୬୬୫), ଅମିଶା ଦାଶ (୬୨୧) ଓ ମାନସ ରଞ୍ଜନ ବେହେରା (୬୧୪) ନମ୍ବର ରଖି ସଫଳତା ହାସଲ କରିଛନ୍ତି। ଏଭଳି ସଫଳତା ପାଇବାରେ ଦକ୍ଷିଣ ଓଡିଶାର ନାଳନ୍ଦାଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏକ ସ୍ୱତନ୍ତ୍ର ଶିକ୍ଷା ଅନୁଷ୍ଠାନ ରୂପେ ପରିଚିତ ହୋଇପାରିଛି। ଅନୁଷ୍ଠାନର ସମସ୍ତ ଅଧାପିକା ଓ ଅଧାପକଙ୍କର ଉନ୍ନତମାନର ଶିକ୍ଷା ପଦ୍ଧତି, କ୍ରାସ କୋର୍ସ ନୋଟ ଓ ପ୍ରତ୍ୟେକ ଦିନ ଅଭ୍ୟାସ ପରୀକ୍ଷା ଯୋଗୁ ସଫଳତା ସମ୍ଭବପର ହୋଇପାରିଛି ବୋଲି କଲେଜର ଚେୟାରମ୍ୟାନ କାଳୀ ଚରଣ ସାହୁ କହିଛନ୍ତି। ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ଉମାକାନ୍ତ ପାତ୍ରଙ୍କ ସମେତ ଅଧକ୍ଷ ମନୋଜ କୁମାର ସାହୁ ଓ ଅଧାପିକା ଏବଂ ଅଧାପକମାନେ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବ୍ୟାଡମିଣ୍ଟନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଅତିଥି ଓ ଅନ୍ୟମାନଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ବ୍ରହ୍ମପୁର,୧୪।୬(ତନୁଶ୍ରୀ ନାହାକ)

ମିନାକ୍ଷୀନଗର ସ୍ଥିତ ଶିଶିରଭା ବ୍ୟାଡ଼ମିଣ୍ଟନ ଇନଡୋର ହଲଠାରେ ଜିଲା ବ୍ୟାଡ଼ମିଣ୍ଟନ ଆସୋସିଏଶନ ପକ୍ଷରୁ ଚାଲିଥିବା ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଉଦ୍‌ଯାପନୀରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ବ୍ୟାଡ଼ମିଣ୍ଟନ ଆସୋସିଏଶନ ସମ୍ପାଦକ ନୀଳିନ କୁମାର, ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବ୍ୟାଡ଼ମିଣ୍ଟନ ଆସୋସିଏଶନ ବ୍ରହ୍ମପୁର ଜୋନ ମୁଖ୍ୟ ଦୀପକ ଟିବ୍ରେୱାଲ, ସଂଯୋଜକ ସତ୍ୟନାରାୟଣ ସାହୁ, ଜିଲା ମୁଖ୍ୟ ମିତେନ୍ଦ୍ର ଭୂୟାଁ, ଶିଶିରଭା ବ୍ୟାଡ଼ମିଣ୍ଟନ ଇନଡୋର ହଲ ପ୍ରତିଷ୍ଠାତା ସନ୍ତୋଷ ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। ଉଦଯାପନୀ ଦିବସକୁ ଗ୍ରୀଷ୍ମକାଳୀନ ଶିବିର ଆୟୋଜକ ପ୍ରମୋଦ ମହାଙ୍କୁଡ଼ ପରିଚାଳନା କରିଥିଲେ। ଦୀର୍ଘ ଦୁଇ ମାସ ଧରି ଚାଲିଥିବା ଏହି ଶିବିରରେ ପ୍ରାୟ ୯୦ରୁ ଉର୍ଦ୍ଧ୍ୱ ୬ ବର୍ଷରୁ ୧୮ ବର୍ଷ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଓ ପ୍ରତିଯୋଗୀମାନେ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ଉଦଯାପନୀ ଦିବସରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ବର୍ଗରେ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ମନୋଜ ମହାରଣା ପରିଚାଳନାରେ ସହଯୋଗ କରିଥିଲେ।

## ସର୍ଭିସ ଫର୍ ଦି ବ୍ଲାଇଣ୍ଡ ଅନୁଷ୍ଠାନ ପକ୍ଷରୁ ରଜପର୍ବ

ବ୍ରହ୍ମପୁର,୧୪।୬ (ତନୁଶ୍ରୀ ନାହାକ)

ସହରର ସର୍ଭିସ ଫର ଦି ବ୍ଲାଇଣ୍ଡ ଅନୁଷ୍ଠାନ ପକ୍ଷରୁ ପହିଲି ରଜ ଅବସରରେ ବ୍ରହ୍ମପୁର ବିଜୁପଟ୍ଟନାୟକ ପାର୍କ ଠାରେ ଦୃଷ୍ଟିବାଧିତ ଛାତ୍ରୀମାନଙ୍କୁ ନେଇ ରଜପର୍ବ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ଭବାନୀ ଶଙ୍କର ପାଢ଼ୀଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବ ହୋଇଥିଲା। ପୂର୍ବତନ ବିଡ଼ିଏ ଅଧକ୍ଷ ତଥା ରାଜ୍ୟ କାଜୁ ନିଗମ ଉନ୍ନୟନ ଅଧକ୍ଷ ସୁବାଷ ମହାରଣା ଉପସ୍ଥିତ ରହିଥିଲେ। ଏଥିରେ କେତେଜଣ ସ୍ଥାନୀୟ ମହିଳା ମଧ ସାମିଲ ଥିଲେ। ଅନୁଷ୍ଠାନର ୩୦ରୁ ଉର୍ଦ୍ଧ୍ୱ ଛାତ୍ରୀ ସକାଳୁ ନୂଆ ଡ୍ରେସ ପିନ୍ଧି ବିଜୁ ପଟ୍ଟନାୟକ ପାର୍କରେ ଖୁସି ମନାଇଥିଲେ। ସ୍ଥାନୀୟ ମହିଳା ଓ ସର୍ଭିସ ଫର ଦି ବ୍ଲାଇଣ୍ଡ ଅନୁଷ୍ଠାନ ପକ୍ଷରୁ କାକାରା, ପୋଡ଼ପିଠା, ଆରିଷା ପିଠା, ଚନ୍ଦ୍ରକାନ୍ତି ପୀଠା ପ୍ରସ୍ତୁତ କରାଯାଇ ସେମାନଙ୍କୁ ବଣ୍ଟାଯାଇଥିଲା।


ବିଜୁ ପଟ୍ଟନାୟକ ପାର୍କରେ ଦୃଷ୍ଟିବାଧିତ ଛାତ୍ରୀମାନେ ଦୋଳି ଖେଳୁଛନ୍ତି।

## ସୁନ୍ଦର ସମାଜ ଗଠନରେ ଲୋକକଳାର ଭୂମିକା ଗୁରୁତ୍ୱପୂର୍ଣ୍ଣ

ବ୍ରହ୍ମପୁର,୧୪।୬(ସ୍ମୃତିରଞ୍ଜନ ମହାଲିକ)



କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଗଞ୍ଜାମ ଜିଲା ବରିଷ୍ଠ କଳାକାର ସଂଘ ପକ୍ଷରୁ ପ୍ରକାଶମ୍ ହଲ୍ ଆନ୍ଧ୍ର ଭାଷାବିର୍ଦ୍ଧିନୀ ସଭା ପ୍ରକୋଷ୍ଠରେ ବୁଧବାର ଲୋକ କଳା ଦିବସ ପାଳିତ ହୋଇଯାଇଛି। ଏଥିରେ ସଂଘର କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ଅଧକ୍ଷତା କରିଥିଲେ। ବରିଷ୍ଠ ଶିକ୍ଷାବିତ ତଥା ନାଟ୍ୟ ନିର୍ଦ୍ଦେଶକ ଶଙ୍କର୍ଷଣ ସାବତ ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇଥିଲେ। ସୁନ୍ଦର ସମାଜ ଗଠନରେ ଲୋକକଳାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ଅନ୍ୟତମ ଆଲୋଚକ ଭାବେ ସୁଦାମ ପଟ୍ଟନାୟକ, ବାଳକୃଷ୍ଣ ସ୍ୱାଇଁ, ନକୁଳ ଜେନା, ଶିଶିର ସ୍ୱାଇଁ, ଜନାର୍ଦ୍ଦନ ପ୍ରଧାନ, ରାମଚନ୍ଦ୍ର ସାହୁ, ବଳରାମ ପ୍ରଧାନ, ଛବିରାଣୀ ମହାନ୍ତି ପ୍ରମୁଖ ଲୋକ କଳା ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ଜୁଲାଇ ୩ ତାରିଖରେ ହେବାକୁ ଥିବା କଳାକାର ଶୋଭାଯାତ୍ରାରେ ଜିଲାର ସମସ୍ତ କଳାକାର ଅଂଶ ଗ୍ରହଣ କରିବା ନିମନ୍ତେ ସଂଘ ପକ୍ଷରୁ ଅନୁରୋଧ କରାଯାଇଥିଲା। ଏହି ଅବସରରେ ଗୁରୁ ଭଗବାନ ପାତ୍ର ଓ ପ୍ରଦୀପ କୁମାର ସାହୁଙ୍କ ଦ୍ୱାରା ଦାସକାଠିଆ ପରିବେଷଣ କରାଯାଇଥିଲା। ସଂଘର ସମ୍ପାଦକ ସୁବାସ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କୁନୁ ବେହେରା ଓ ଚନ୍ଦ୍ରଭାନୁ ନାୟକ ପରିଚାଳନାରେ ସହଯୋଗ କରିଥିଲେ।

